# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 10 MAY– 2026

## ଏଚଏମ-ମିଟିଂ

ଦେଶରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଏବଂ ବନ୍ୟା ଜନିତ ପରିସ୍ଥିତିର ମୁକାବିଲା ପାଇଁ ନୂଆଦିଲ୍ଲୀଠାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ  ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା କରାଯିବ । ଦୀର୍ଘକାଳୀନ ବନ୍ୟା ଦୂରୀକରଣ ପଦକ୍ଷେପ ଅଗ୍ରଗତି ଏବଂ ନଦୀ ପରିଚାଳନା ଓ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସୁରକ୍ଷା ଆଦି ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ରାଷ୍ଟ୍ରୀୟ ଲୋକଅଦାଲତ

ରାଜ୍ୟରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତରେ ମୋଟ ୨ଲକ୍ଷ ୭୭ହଜାର ୫୨୩ଟି ମାମଲାର ଫଇସଲା କରାଯାଇଛି । ମୋଟ ୮୯କୋଟି ୯୫ଲକ୍ଷ ୨୯ହଜାର ୩୯ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ହାଇକୋର୍ଟ ସମେତ ସମସ୍ତ ଜିଲ୍ଲା ତଥା ତାଲୁକସ୍ତରୀୟ ଅଦାଲତଗୁଡିକରେ ବିଚାରଧୀନ ମାମଲାଗୁଡିକରେ ଆପୋଷ ଆଲୋଚନା ମାଧ୍ୟମରେ ଫଇସଲା କରାଯାଇଛି ।

## ଧର୍ମେନ୍ଦ୍ର ପ୍ରଧାନ

ଆଗାମୀ ପିଢିକୁ ସୁସ୍ଥ ଓ ଶିକ୍ଷିତ କରି  ଗଢି ତୋଳିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ତାପମାତ୍ରାର ମୁକାବିଲା ପାଇଁ ବ୍ୟାପକ ଚାରାରୋପଣ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରିବା ନେଇ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣିତ କାର୍ଯ୍ୟ ଆସନ୍ତାକାଲି ଠାରୁ ଆରମ୍ଭ ହେବ । ୨ ଦିନ ଧରି ଏହି ଗଣତି ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ପାଇଁ ଏହି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା ।

## ଜାତୀୟ ପଞ୍ଚାୟତ ପୁରସ୍କାର

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୫ ଘୋଷଣା କରାଯାଇଛି । ବିଭିନ୍ନ ବର୍ଗରେ ଦେଶର ୪୨ଟି ପଞ୍ଚାୟତକୁ ଏଥିପାଇଁ ମନୋନୀତ କରାଯାଇଛି । ଓଡିଶାର ୫ଟି ପଞ୍ଚାୟତ ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଗ୍ରାମାଞ୍ଚଳରେ ସମାବେଶୀ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ

କରାଯାଇଛି । ଆସନ୍ତା ୩ତାରିଖ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ କରାଯିବ ।

## ଶ୍ରୀକ୍ଷେତ୍ର ଭଉଁରୀ

ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆଜି ଶେଷ ହେଉଛି । ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବାହାର ଚନ୍ଦନଯାତ୍ରାର ଆଜିର ଶେଷ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କର ହଳଦୀପାଣି ନୀତି ଅନୁଷ୍ଠିତ ହେବ । ପ୍ରତି ସନ୍ଧ୍ୟାରେ ଭଉଁରୀ ତିଥି ଅବସରରେ ଚଳନ୍ତୀ ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ୨୧ଘେରା ଜଳକ୍ରୀଡା କରିଥିଲେ ।

## ଆକାଶବାଣୀର ୯୦ବର୍ଷ ପୂର୍ତ୍ତି

ଆକାଶବାଣୀର ୯୦ବର୍ଷ ପୂର୍ତ୍ତି ଅବସରରେ କଟକ ଓଡିଆ ବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନରେ ଏକ ସଙ୍ଗୀତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆକାଶବାଣୀ ଅବସରପ୍ରାପ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ହୃଷିକେଶ ପାଣି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଶିକ୍ଷା, ସୂଚନା ବିଶେଷକରି କୃଷି କ୍ଷେତ୍ର ତଥା କୃଷକମାନଙ୍କ ଉନ୍ନତିରେ ଆକାଶବାଣୀ ଅନନ୍ୟ ଭୂମିକା ରହିଛି । ଏଥିରେ ରୀତା ପଟ୍ଟନାୟକ ଓ ଅମିତ ଦାସ ସଙ୍ଗୀତ ଓ ବାଦ୍ୟ  ପରିବେଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

## ପ୍ରକଳ୍ପ ସମୀକ୍ଷା

ମାଲକାନଗିରି ଜିଲ୍ଲାରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିରକେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସମୀକ୍ଷା

କରିବା ସହ ନିର୍ଦ୍ଧାରିତ ସମୟସୀମା ସହ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟ ଅବହେଳା କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଶ୍ରୀ ରାଜସିରକେ କହିଛନ୍ତି ।

# ରେଳ ଭିତ୍ତିଭୂମି

କେବିକେ ଅଞ୍ଚଳରେ ରେଳ ସଂଯୋଗୀକରଣ ଓ ରେଳ ଭିତ୍ତିଭୂମିର ବିକାଶ ଉପରେ ରାଜ୍ୟସଭା ସଦସ୍ୟ ସୁଜିତ କୁମାର ଗୁରୁତ୍ୱ ଦେଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଏ ସଂକ୍ରାନ୍ତ ଏକ ଦାବିପତ୍ର ଶ୍ରୀ କୁମାର ପ୍ରଦାନ କରିଛନ୍ତି ।

# ପର୍ଯ୍ୟଟନ ପେଣ୍ଠସ୍ଥଳୀ

ଗଞ୍ଜାମ ଜିଲ୍ଲା ଖଲିକୋଟ ଅଞ୍ଚଳକୁ ଏକ ପର୍ଯ୍ୟଟନ ପେଣ୍ଠସ୍ଥଳୀଭାବେ ଗଢି ତୋଳାଯିବ ବୋଲି ଜଙ୍ଗଲ ଓ ପରିବେଶମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। କରାଖୋଲ ବିଟ୍ ହାଉସଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଖୁଣ୍ଟିଆ ଜିଲ୍ଲାରେ ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ସୂଚନା ଦେଇଛନ୍ତି ।

## ଡଙ୍ଗର ମହୋତ୍ସବ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ରଙ୍ଗମଞ୍ଚ ଠାରେ ଚାଲିଥିବା ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଡଙ୍ଗର ଆଜି ଉଦ୍‌ଯାପିତ ହେବ। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ବିଭିନ୍ନ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଉଛି ।

# ଟିଏନ୍-ସ୍ୱେରିଂ

ଟିଭିକେ ମୁଖ୍ୟ ସି.ଜୋଶେଫ ବିଜୟ ଆଜି ତାମିଲନାଡୁର ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରିବେ । ପୂର୍ବାହ୍ନ ୧୦ଟାରେ ହେବାକୁ ଥିବା ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଶ୍ରୀ ବିଜୟଙ୍କୁ ପଦ ଓ ଗୋପନୀୟତାରେ ଶପଥ ପାଠ କରାଇବେ ।

# ସ୍କ୍ୱାସ୍ ଚାମ୍ପିୟନସିପ୍

ରାଜ୍ୟରେ ପ୍ରଥମଥର ପାଇଁ ସ୍କ୍ୱାସ୍ ଚାମ୍ପିୟନସିପ୍ ଆରମ୍ଭ ହୋଇଛି। ଭୁବନେଶ୍ୱର ନୟାପଲ୍ଲୀରେ ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୬ଟି ଜିଲ୍ଲାରୁ ୩୪ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି । ମହିଳା, ପୁରୁଷ ଏବଂ ୩୫ବର୍ଷରୁ ଊର୍ଦ୍ଧ୍ୱ ମାଷ୍ଟର୍ସ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି ।